# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 6 August - 2024
### News Editor : *Itishree Singh Rathaur*

*************************************

## ପ୍ରଧାନମନ୍ତ୍ରୀ-ବିଜେପି ସାଂସଦ

ରାଜ୍ୟ ବିଜେପି ସାଂସଦମାନେ ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ସମୟରେ ପ୍ରଧାନମନ୍ତ୍ରୀ ସାଂସଦମାନଙ୍କୁ ଲୋକକଲ୍ୟାଣ ପାଇଁ କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିବା ଜଣାପଡିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜର ପୂର୍ବ ଅଭିଜ୍ଞତାକୁ ବଖାଣିବା ସହ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା, ପ୍ରତି ଗାଁରେ କର୍ମୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ କରିବା, ସରକାରୀ ଯୋଜନାର ପ୍ରଚାର ଓ ପ୍ରସାର ଲାଗି ସାଂସଦମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ

ଚଳିତବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗରେ ପାଳନ କରାଯିବ । ରାଜ୍ୟ ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ସହିତ ଏକ ମିଳିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ ପରେଡରେ ସ୍କୁଲ, କଲେଜ ଓ ପୁଲିସବାହିନୀକୁ ମିଶାଇ ପ୍ରାୟ ୪୦ଟି

କଣ୍ଟିଜେଣ୍ଟ ପରେଡରେ ଅଂଶଗ୍ରହଣ କରିବେ । ଆସନ୍ତା ୧୫ ତାରିଖ ସକାଳ ୯ଟା ସମୟରେ ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ । ଜିଲ୍ଲାସ୍ତରର ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ପାଇଁ ଅଧିକ ଅର୍ଥ ବରାଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ନାଭାଲ ଷ୍ଟାଫ୍

ନାଭାଲ ଷ୍ଟାଫ୍ ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଆସନ୍ତା ଶୁକ୍ରବାର ଅଗ୍ନିବୀର ମାନଙ୍କ ଚତୁର୍ଥ ବ୍ୟାଚ୍‌ର ଚୂଡାନ୍ତ ପରେଡର ସମୀକ୍ଷା କରିବେ । ଆଇ.ଏନ୍.ଏସ୍ ଚିଲିକାରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ୨୧୬ଜଣ ମହିଳା ଅଗ୍ନିବୀରଙ୍କ ସମେତ ୧ହଜାର ୩୯୦ଜଣ ଅଗ୍ନିବୀର ଅଂଶଗ୍ରହଣ କରିବେ । ଏହି ଅବସରରେ ନୌସେନା ଅଗ୍ନିବୀରଙ୍କ ସମେତ ୩୩୦ଜଣ ତଟରକ୍ଷୀ ନାବିକ ମଧ୍ୟ ଉତ୍ତୀର୍ଣ୍ଣ ହେବେ ବୋଲି ସୂଚନା ମିଳିଛି ।

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାପାଳଙ୍କ ଓସ୍ୱାନ ହଲ୍‌ରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ, ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଗ୍ରାମାଞ୍ଚଳରେ ମୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେଇ ଯୋଗ୍ୟ ହିତାଧିକାରୀ ଚୟନ କରିବାକୁ ମନ୍ତ୍ରୀ ଏହି ବୈଠକରେ ପରାମର୍ଶ ଦେଇଛନ୍ତି । ବିଶ୍ୱକର୍ମା ଯୋଜନାର ସଫଳତାକୁ

ପ୍ରାଧାନ୍ୟ ଦେଇ କାର୍ଯ୍ୟକଲେ ସାଧାରଣ ଲୋକମାନଙ୍କ ମୌଳିକ ବୃତ୍ତି ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ପାଇପ୍ଲାଇନ୍-ସମାଧାନ

ରାଜ୍ୟରେ ପାଇପ୍ଲାଇନ୍ କିମ୍ବା ଅନ୍ୟ ସର୍ଭିସ୍ ଲାଇନ୍ ବିଛାଇବାବେଳେ ଉପୁଜିଥିବା ସମସ୍ୟାର ସହଜ ସମାଧାନ ପାଇଁ ରାଜ୍ୟ ସରକାର ଏକ କମନ୍ ୟୁଟିଲିଟି କରିଡର ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କରିଡର ମାଧ୍ୟମରେ ସମସ୍ତ ପାଇପ୍ଲାଇନ୍ ଏବଂ ସର୍ଭିସ୍ ଲାଇନ୍କୁ ବିଛାଯିବ । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ୫ଜଣିଆ ସଦସ୍ୟ ଏହି କାର୍ଯ୍ୟକୁ ତଦାରଖ କରିବେ ବୋଲି ଜଣାପଡିଛି ।

## ପ୍ରଶିକ୍ଷଣ ଶିବିର

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଏକ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରସ୍ଥିତ ସଂସ୍କୃତିଭବନର ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି । ଏହି ଶିବିରରେ ରାଜ୍ୟସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ୧୨ଟି ବିଭାଗର ୧୧୭ଜଣ ଅଧିକାରୀ ଯୋଗ ଦେଇଛନ୍ତି । ଆସନ୍ତା ୫ ଦିନ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଶବ୍ଦ ଭଣ୍ଡାରର ବ୍ୟବହାରିକ ରୂପ, ପ୍ରଶାସନିକ ଶବ୍ଦ ଚୟନ, ବାକ୍ୟଗଠନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ କହିଛନ୍ତି ।

## +୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ରାଜ୍ୟରେ ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧାତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ମୋଟ୍ ୬୦ହଜାର ୫୧୬ଜଣଙ୍କୁ ଚୟନ କରାଯାଇଛି । ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତାକାଲିଠାରୁ ୧୦ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଏନେଇ ସମସ୍ତ ସୂଚନା ସାମ୍ସ ପୋର୍ଟାଲରେ ପାଇପାରିବେ ।

ସେହିଭଳି ଏକକ ପିଜି ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଆଜିଠାରୁ ୧୨ତାରିଖ ମଧ୍ୟରେ ଚଏସ୍ ଫିଲିଂ କରିପାରିବେ । ଆସନ୍ତା ୨୦ ତାରିଖ ଅପରାହ୍ଣରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବ । ସୂଚନା ଅନୁସାରେ ରାଜ୍ୟରେ ସ୍ନାତକୋତ୍ତରରେ ନାମଲେଖାଇବା ପାଇଁ ମୋଟ୍ ୨୮ହଜାର ୯୯୪ଟି ସିଟ୍ ରହିଛି ।

## ଖସାପଡା ନୀତି

ପୁରୀ ଶ୍ରୀମନ୍ଦିରରେ ଗତକାଲି ମହାପ୍ରଭୁଙ୍କ ଖସାପଡା ନୀତି ଅନୁଷ୍ଠିତ ହୋଇଛି । ରଥଯାତ୍ରାପରେ ଠାକୁରଙ୍କ ଶ୍ରୀଅଙ୍ଗକୁ ବାଧା ପହଞ୍ଚିଥିଲା । ପରମ୍ପରା ଅନୁଯାୟୀ ଖସାପଡା ନୀତି ହୋଇ ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ହୋଇଛି । ଦଇତାପତି ସେବାୟତମାନେ ସାମୁହିକ ସେବାରେ ଏହି ନୀତି ସମ୍ପନ୍ନ କରିଛନ୍ତି । ଏହି ଗୁପ୍ତ ନୀତି ସମୟରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ଥିଲା । ତେବେ ଗତକାଲି ରାତି ୮ଟା ୧୦

ମିନିଟ୍‌ରେ ଦଇତାପତି ଗର୍ଭଗୃହ ବାହାରକୁ ଆସିଲା ପରେ ମହାସ୍ନାନ ନୀତି ହୋଇଥିଲା ଏବଂ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ ।

## ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସରେ ଆଜି ଭାରତୀୟ ପୁରୁଷ ହକି ଦଳ ସେମିଫାଇନାଲରେ ଜର୍ମାନୀ ଦଳକୁ ଭେଟିବ । ସୂଚନା ଅନୁସାରେ କ୍ୱାର୍ଟର ଫାଇନାଲରେ ଭାତରୀୟ ଦଳ ବ୍ରିଟେନ୍‌କୁ ପରାସ୍ତ କରିଥିଲା । ସେହିଭଳି ଆଜି ଜାଭେଲିନ୍ ଥ୍ରୋ ଯୋଗ୍ୟତା ରାଉଣ୍ଡରେ ଭାରତ ପକ୍ଷରୁ ନୀରଜ ଚୋପ୍ରା ଏବଂ ଓଡ଼ିଶାର କିଶୋର ଜେନା ଭାଗନେବାର କାର୍ଯ୍ୟସୂଚୀ ରହିଛି ।

## ପାଣିପାଗ

ମୌସୁମୀର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।